# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

India's National Spiritual Newspaper


₹ 10/-

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI YEAR OF OUR LORD JESUS CHRIST, 2024 MAY No.03

### ପବିତ୍ର ବାଇବଲ

### (ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୭୫:୧-୯)

୧ ହେ ପରମେଶ୍ୱର, ଆମ୍ଭେମାନେ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛୁ; ଆମ୍ଭେମାନେ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛୁ, କାରଣ ତୁମ୍ଭ ନାମ ନିକଟବର୍ତ୍ତୀ; ଲୋକମାନେ ତୁମ୍ଭର ଆଶ୍ଚର୍ଯ୍ୟକ୍ରିୟାସକଳ ବର୍ଣ୍ଣନା କରନ୍ତି ।

୨ ଆମ୍ଭେ ନିରୂପିତ ସମୟ ପ୍ରାପ୍ତ ହେଲେ ଯଥାର୍ଥ ରୂପେ ବିଚାର କରିବା ।

୩ ପୃଥିବୀ ଓ ତନ୍ନିବାସୀ ସମସ୍ତେ ତରଳି ଯାଉଅଛନ୍ତି; ଆମ୍ଭେ ତହିଁର ସ୍ତମ୍ଭସକଳ ସ୍ଥାପନ କରିଅଛୁ ।

୪ ଆମ୍ଭେ ଗର୍ବୀକି କହିଲୁ, ଗର୍ବାଚରଣ କର ନାହିଁ; ଆମ୍ଭେ ଦୁଷ୍ଟକୁ କହିଲୁ, ଶୃଙ୍ଗ ଉଠାଅ ନାହିଁ;

୫ ତୁମ୍ଭମାନଙ୍କ ଶୃଙ୍ଗ ଊର୍ଦ୍ଧ୍ୱକୁ ଉଠାଅ ନାହିଁ; ଶକ୍ତଗ୍ରୀବ ହୋଇ କଥା କୁହ ନାହିଁ ।

୬ କାରଣ ପୂର୍ବ ଦିଗରୁ, କି ପଶ୍ଚିମ ଦିଗରୁ, କିଅବା ଦକ୍ଷିଣ ଦିଗରୁ ଉନ୍ନତି ଆସେ ନାହିଁ ।

୭ ମାତ୍ର ପରମେଶ୍ୱର ବିଚାରକର୍ତ୍ତା ଅଟନ୍ତି; ସେ ଏକକୁ ଅବନତ ଓ ଅନ୍ୟକୁ ଉନ୍ନତ କରନ୍ତି ।

୮ ଯେହେତୁ ସଦାପ୍ରଭୁଙ୍କ ହସ୍ତରେ ଏକ ପାନପାତ୍ର ଅଛି ଓ ଦ୍ରାକ୍ଷାରସରୁ ଫେଣ ବାହାରୁ ଅଛି; ତାହା ମିଶ୍ରିତ ଦ୍ରବ୍ୟରେ ପୂର୍ଣ୍ଣ ଓ ସେ ତହିଁରୁ ଢାଳି ଦିଅନ୍ତି; ନିଶ୍ଚୟ ପୃଥିବୀର ଦୁଷ୍ଟଲୋକ ସମସ୍ତେ ତହିଁର ଖାଦ ନିଗାଡ଼ି ପିଇବେ ।

୯ ମାତ୍ର ମୁଁ ସଦାକାଳ ପ୍ରଚାର କରିବି, ମୁଁ ଯାକୁବର ପରମେଶ୍ୱରଙ୍କର ପ୍ରଶଂସା ଗାନ କରିବି ।

# ଆମ ପ୍ରଭୁଙ୍କର ମାତୃତୁଲ୍ୟ ହୃଦୟ

## OUR LORD'S MOTHERLY HEART



**"ଯେପରି ଜଣକୁ ତାହାର ମାତା ସାନ୍ତ୍ୱନା କରେ, ସେହିପରି ଆମ୍ଭେ ତୁମ୍ଭମାନଙ୍କୁ ସାନ୍ତ୍ୱନା କରିବା" (ଯିଶାଇୟ ୬୬:୧୩) ।**

**ସମ୍ମାନୀୟା, ମୁଖ୍ୟ ସଂପାଦିକା, ଆଚାର୍ଯ୍ୟ ଆଞ୍ଜେଲାଇନ୍ ସେଲ୍ଭାକୁମାରୀ**



ଆମକୁ ସମସ୍ତ ସ୍ୱର୍ଗୀୟ ଆଶୀର୍ବାଦରେ ଆଶୀର୍ବାଦ କରୁଥିବା ଆମର ପ୍ରଭୁ ଓ ତ୍ରାଣକର୍ତ୍ତାଙ୍କ ବହୁମୂଲ୍ୟ ନାମରେ ଅଭିବାଦନ । ଏହି ମାସର ବିଶେଷ ଗୁରୁତ୍ୱ ଅଛି କାରଣ 'ଆହ୍ବାନର ପ୍ରତିଧ୍ୱନି' ସମଗ୍ର ପୃଥିବୀର ସମସ୍ତ ମା'ମାନଙ୍କୁ ଏକ ଆନନ୍ଦ ପୂର୍ଣ୍ଣ ମାତୃ ଦିବସ ପାଇଁ ଶୁଭେଚ୍ଛା ଜଣାଉଅଛି । ଏହିପ୍ରକାର ଅବସର ଅନେକଙ୍କ ନିକଟକୁ ଆନନ୍ଦ ଆଣୁଥିବା ସମୟରେ ତାହା ହୁଏତ କେତେକଙ୍କୁ ଦୁଃଖର ଅନୁଭବ ଦେଇପାରେ । ଏହି ବାର୍ତ୍ତାକୁ ଏହା ଭାବି ବହିଷ୍କାର କରନ୍ତୁ ନାହିଁ ଯେ, "ମୁଁ ଜଣେ ମା' ନୁହେଁ, ତେବେ ଏହାକୁ କାହିଁକି ପଢ଼ିବି ?" ଏପରି ଭାବିବା ପୂର୍ବରୁ ଏହି ବିଷୟକୁ ବିଚାର କରନ୍ତୁ : ମାତୃ ଦିବସ ସେହି ସମସ୍ତଙ୍କ ପାଇଁ ଏକ ଆନନ୍ଦର ଦିନ ଅଟେ ଯେଉଁମାନେ ମାତୃତ୍ୱର ପ୍ରତିପାଳନକାରୀ ଗୁଣର ମୂର୍ତ୍ତିମନ୍ତ ଅଟନ୍ତି । ଆପଣ ଜଣେ ପିତା, ଭ୍ରାତା, ଭଗ୍ନୀ, କିମ୍ବା ମାଉସୀ – ଯାହା ହୋଇଥାଆନ୍ତୁ ନା' କାହିଁକି, ଆପଣ ଯଦି ଜଣେ ମା'ର ଭୂମିକା ଓ ଦାୟିତ୍ୱ ନିର୍ବାହ କରିଛନ୍ତି, ତେବେ ଆଜି ଆପଣଙ୍କର ଉତ୍ସର୍ଗୀକୃତ ପ୍ରେମକୁ ସ୍ମରଣ କରିବା ଓ ସେଥିରେ ଆନନ୍ଦ କରିବା ଆପଣଙ୍କ କର୍ତ୍ତବ୍ୟ ଅଟେ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




**ଆହ୍ବାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

**ଆପଣମାନେ ପାଳକ ଏସ୍. ସାମ୍. ସେଲ୍ଭାରାଜ୍‌ଙ୍କ ସହିତ**

**୫ ମିନିଟ୍‌ର ବାର୍ତ୍ତା !!**

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**


**ପ୍ରତିଦିନ ଭୋର ୨ ଟାରେ**

**ତାମିଲ ରବିବାର ଉପାସନା – ସକାଳ ୮.୩୦ରେ**

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





"ମାତ୍ର ସଦାପ୍ରଭୁଙ୍କଠାରୁ ଧାର୍ମିକ ଲୋକର ପରିତ୍ରାଣ ହୁଏ । ସେ ସଙ୍କଟ ସମୟରେ ସେମାନଙ୍କର ଦୃଢ଼ ଦୁର୍ଗ ଅଟନ୍ତି" (ଗୀତ ୩୭:୩୯) ।

## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

## ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

*"ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ" (୧ ପିତର ୧:୩) ।*

*ଆମେ ଆପଣମାନଙ୍କର ଅବିଚଳିତ ପ୍ରାର୍ଥନା ଓ ଦୃଢ଼ ସହାୟତା ନିମନ୍ତେ ଆମର ହୃଦୟ ସ୍ପର୍ଶୀ କୃତଜ୍ଞତା ଜଣାଉଅଛୁ । ଈଶ୍ୱର ତାଙ୍କ କାର୍ଯ୍ୟ ପ୍ରତି ଆପଣମାନଙ୍କର ଉଦାରତା ଓ ପ୍ରତିବଦ୍ଧତା ନିମନ୍ତେ ଆପଣମାନଙ୍କୁ ବହୁଳଭାବେ ଆଶୀର୍ବାଦ କରନ୍ତୁ ।*

*ଏପ୍ରିଲ ତୃତୀୟ ସପ୍ତାହରେ "ପିଲାମାନଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ଛୁଟୀ ଦିବସୀୟ ବାଇବଲ ସ୍କୁଲ" ଈଶ୍ୱରଙ୍କ ପ୍ରଚୁର ଆଶୀର୍ବାଦରୁ ଅତିରିକ୍ତ ସଫଳ ହୋଇଥିଲା । ଚେନ୍ନାଇର ବିଭିନ୍ନ ଅଞ୍ଚଳ, ଯଥା ଚେପକ୍, ଭେଲାଚେରା, ବାଲାଜୀ ନଗର ଓ ସନ୍ତୋଷପୁରମ ଭଳି ଚେନ୍ନାଇର ବିଭିନ୍ନ ଅଞ୍ଚଳର ଶହ ଶହ ପିଲା ଏକ ସୁଚିନ୍ତିତ ପାଠ୍ୟକ୍ରମ ମାଧ୍ୟମରେ ପବିତ୍ର ଧର୍ମଶାସ୍ତ୍ରର ଶିକ୍ଷା ଦ୍ୱାରା ସମୃଦ୍ଧ ହୋଇଥିଲେ । ଆମେ ଈଶ୍ୱରଙ୍କର ବ୍ୟବସ୍ଥା ପାଇଁ ତାଙ୍କର ପ୍ରଶଂସା କରୁଅଛୁ ଓ ଏହି ସେବାକାର୍ଯ୍ୟ ପ୍ରତି ଅକ୍ଳାନ୍ତ ଅବଦାନ ଦେଇଥିବା ଈଶ୍ୱରଙ୍କର ସମସ୍ତ ସମର୍ପିତ ଦାସ ଦାସୀମାନଙ୍କ ପ୍ରତି ଆମର ଅତି ଗଭୀର କୃତଜ୍ଞତା ପ୍ରକାଶ କରୁଅଛୁ ।*

*ଆମେ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍‌ଙ୍କର ଆତ୍ମ ଜୀବନୀକୁ ପୁସ୍ତକ ଭାବରେ ପ୍ରକାଶ କରିବାର ଶେଷ ପର୍ଯ୍ୟାୟରେ ଅଛୁ । ଈଶ୍ୱର ପାଳକଙ୍କର ସେବାକାର୍ଯ୍ୟ ମାଧ୍ୟମରେ ଆପଣଙ୍କ ଆତ୍ମିକ ଅଭିବୃଦ୍ଧି ଉପରେ କି ପ୍ରଭାବ ପକାଇଛନ୍ତି, ସେହି ବିଷୟରେ ୧୦ ଧାଡ଼ି ମଧ୍ୟରେ ଆପଣ ମାନଙ୍କଙ୍କଙ୍କର ସାକ୍ଷ୍ୟ ଆମକୁ ଜଣାନ୍ତୁ ବୋଲି ଆମେ ଅନୁରୋଧ କରୁଅଛୁ । ଏହା ସହିତ, ଯଦି ଆପଣମାନେ ଆତ୍ମ ଜୀବନୀରେ କୌଣସି ଫୋଟୋ ଅନ୍ତର୍ଭୁକ୍ତ କରିପାରିବେ, ତେବେ ଆମେ ଖୁସି ହେବୁ ।*



ପାଳକ ଏସ୍.ସାମ୍.ସେଲ୍‌ଭାରାଜଙ୍କର ଆତ୍ମ ଜୀବନୀ ଦଳ

*ଆମେ ଆଗାମୀ ମାସ ଦିଗରେ ଅଗ୍ରସର ହେଉଥିବା ସମୟରେ, କ୍ଷିପ୍ର ପଦକ୍ଷେପ ପାଇଁ ଆହ୍ୱାନ ପାଉଅଛୁ । ଆମର ବାଇବଲ କଲେଜର ୫୦ ଜଣ ଛାତ୍ର ସେମାନଙ୍କ ଅଧ୍ୟୟନ ସମାପ୍ତ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଆମେ ସେମାନଙ୍କୁ ସହାୟତା ଦେବା ଅନିବାର୍ଯ୍ୟ ଅଟେ । ଏହି ସମର୍ପିତ ବ୍ୟକ୍ତିମାନେ ଅତିଶୀଘ୍ର ସେମାନଙ୍କ ସେବାକାର୍ଯ୍ୟ ଆରମ୍ଭ କରିବା ପାଇଁ ଦୁର୍ଗମ ଓ ଆହ୍ୱାନମୂଳକ ଅଞ୍ଚଳଗୁଡ଼ିକ ମଧ୍ୟକୁ ଯାତ୍ରା କରିବେ । ୨୦୨୪ ଜୁନ୍ ୧ ତାରିଖରେ ଉପାଧି ପ୍ରଦାନ କରାଯିବ ଯାହା ସେମାନଙ୍କ ଆତ୍ମିକ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଚିହ୍ନିତ କରିବ । ଇତି ମଧ୍ୟରେ, ନିହିମିୟା ବାଇବଲ କଲେଜରେ ନୂତନ ଛାତ୍ର ମାନଙ୍କର ପାଠପଢ଼ା ୨୦୨୪ ଜୁନ ୩ ତାରିଖରେ ଆରମ୍ଭ ହେବ ।*

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

*ଆମେ ଆମର ନିହିମିୟା ବାଇବଲ କଲେଜ ପାଇଁ ହିନ୍ଦୀ ପଢ଼ିବାରେ ଓ ଲେଖିବାରେ ଦକ୍ଷ ଥିବା ଛାତ୍ରମାନଙ୍କର ପରିଚୟ ନିମନ୍ତେ ଆପଣମାନଙ୍କଠାରୁ ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନାର ଅନୁରୋଧ କରୁଅଛୁ । ଏହା ସହିତ, ଏହି ସେବାକାର୍ଯ୍ୟ ମଧ୍ୟରେ ନିଆ ଯାଉଥିବା ସମସ୍ତ ଉଦ୍ୟମ ନିମନ୍ତେ ପ୍ରଭୁଙ୍କର ଚାଳନା ଓ ଯୋଗାଣ ଲୋଡୁଅଛୁ । ଆସନ୍ତୁ ଆମେ ପ୍ରାର୍ଥନାରେ ମିଳିତ ହେବା ଓ ଆମର ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଉଭୟ ଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ନିଯୁକ୍ତିରେ ଈଶ୍ୱରଙ୍କ ସ୍ୱର୍ଗୀୟ ହସ୍ତକ୍ଷେପ ଅନ୍ୱେଷଣ କରିବା ।*

*ଅସଂଖ୍ୟ ଆହ୍ୱାନ, ପ୍ରତିବନ୍ଧକ ଓ ଅତି ଆବଶ୍ୟକତାଗୁଡ଼ିକ ସମ୍ମୁଖରେ, ପ୍ରାର୍ଥନା ଉପରେ ଆମର ନିର୍ଭରଶୀଳତା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ ଆମ ସେବାକାର୍ଯ୍ୟ ପକ୍ଷରୁ ଆପଣମାନଙ୍କର ନିରବଚ୍ଛିନ୍ନ ନିବେଦନ ପାଇଁ ଅତି ଆଗ୍ରହର ସହିତ ଅନୁରୋଧ କରୁଅଛୁ । କାରଣ ଆମେ ଏହା ଜାଣୁ ଯେ କେବେଳ ଈଶ୍ୱରଙ୍କ ଅନୁଗ୍ରହ ଓ ଦୟା ମାଧ୍ୟମରେ ହିଁ ଆମେ ପ୍ରତ୍ୟେକ ପ୍ରତିବନ୍ଧକକୁ ଅତିକ୍ରମ କରିପାରିବା ।*

*ଆମେ ଆପଣମାନଙ୍କୁ ଆମ ପ୍ରାର୍ଥନାରେ ଧରି ରଖୁଥିବା ସମୟରେ, ଆମ ପ୍ରଭୁଙ୍କର ପ୍ରଚୁର ଅନୁଗ୍ରହ ଆପଣମାନଙ୍କ ଉପରେ ପ୍ରଚୁର ଭାବେ ବୃଷ୍ଟି ହେଉ । ଆମେନ୍ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**
ପାଳକ ଆଲେକ୍ସ ସାମ୍‌ସନ୍ ସାମ୍
ପାଳକ ଏସ୍.ସାମ୍.ସେଲ୍‌ଭାରାଜ
(+91) 98412 71858 / 98410 71858,
E.mail : sam@echoofhiscall.org

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ–ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବ (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

## ଈଶ୍ୱରଙ୍କ ମାତୃତୁଲ୍ୟ ପ୍ରେମ

ନିଃସର୍ତ୍ତ ଉତ୍ସର୍ଗୀକୃତ ପ୍ରେମ ଉପରେ ଅନୁଚିନ୍ତନ ମୋତେ ସେହି ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମ ଉପରେ ଚିନ୍ତା କରିବା ପାଇଁ ପରିଚାଳିତ କରେ ଯିଏ ସ୍ୱେଚ୍ଛାରେ ଆମ ପରିତ୍ରାଣ ପାଇଁ କ୍ରୁଶ ଉପରେ ନିଜର ପ୍ରାଣ ଦାନ କରିଥିଲେ । ଆମେ ଯେପରି ଜୀବିତ ରହିବୁ, ଏଥିପାଇଁ ତାଙ୍କର ପ୍ରାଣ ଦାନ ଭଳି ନିଃସ୍ୱାର୍ଥ କାର୍ଯ୍ୟ ଏକ ଅସାଧାରଣ ପ୍ରେମର ଦୃଷ୍ଟାନ୍ତ ଅଟେ । ଆମେ ପ୍ରାୟ ଈଶ୍ୱରଙ୍କ ପ୍ରେମକୁ ପିତୃତ୍ୱର ପରିଭାଷାରେ ଦେଖୁ, ଯଥା ଚାଳନା ଦେବା, ସୁରକ୍ଷା ଦେବା, ଶାସନ



କରିବା, ଇତ୍ୟାଦି – ଧର୍ମଶାସ୍ତ୍ର ଅନେକ ଦୃଷ୍ଟାନ୍ତରେ ଈଶ୍ୱରଙ୍କର ମାତୃତ୍ୱର ଗୁଣଗୁଡ଼ିକୁ ମଧ୍ୟ ଚିତ୍ରିତ କରିଛି ।

ଯିଶାଇୟ ୬୬:୧୩ ଈଶ୍ୱରଙ୍କୁ ଏକ ସାନ୍ତ୍ୱନାଦାୟୀ ମାତା ଭାବରେ ଚିତ୍ରଣ କରିଛି ଓ ମାଥିଉ ୨୩:୨୭ ଈଶ୍ୱରଙ୍କ ପ୍ରେମକୁ ଜଣେ ମା'ର ଉତ୍ସର୍ଗୀକୃତ ଓ ନିଃସର୍ତ୍ତମୂଳକ ପ୍ରେମ ସହିତ ତୁଳନା କରିଛି ।

ଗୋଟିଏ ପକ୍ଷରେ, ଆମେ ଈଶ୍ୱରଙ୍କୁ ଏକ କଠୋର ଶାସନକାରୀ ଓ ଆମକୁ ଶିକ୍ଷା ଦେଉଥିବା ଈଶ୍ୱର ଭାବରେ ସାକ୍ଷାତ୍ କରୁ, ଅନ୍ୟ ପକ୍ଷରେ, ଆମେ ତାଙ୍କୁ ଏପରି ଏକ ପ୍ରତିପାଳନକାରୀ ମାତା ଭାବରେ ମଧ୍ୟ ଦେଖୁ ଯାହାଙ୍କର ପ୍ରେମ ନିଃସର୍ତ୍ତମୂଳକ ଅଟେ ଓ ଆମର ଦୁର୍ବଳତାକୁ ଆଚ୍ଛାଦନ କରି ଦଣ୍ଡ ବିନା ଜୀବିକା ଯୋଗାଏ ।

ଏହି ବିଶେଷ ଅବସରରେ, ମୁଁ ଏହି ପ୍ରାର୍ଥନା କରେ ଯେ ନିଃସଙ୍ଗତାର ସମୟ ମଧ୍ୟରେ ଈଶ୍ୱର ନିରବଚ୍ଛିନ୍ନ ସହାୟତା ଓ ସାଥୀତ୍ୱ ପ୍ରଦାନ କରି ଆପଣଙ୍କୁ ତାଙ୍କର ମାତୃତୁଲ୍ୟ ଆଲିଙ୍ଗନରେ ଆଚ୍ଛାଦନ କରିବେ । ତାଙ୍କର ଉପସ୍ଥିତି ଆପଣଙ୍କୁ ଭରସା ପ୍ରଦାନ କରୁ ଓ ପଥର ପ୍ରତ୍ୟେକ ପଦକ୍ଷେପରେ ତାଙ୍କର ନିଃସର୍ତ୍ତମୂଳକ ପ୍ରେମ ଦ୍ୱାରା ଆପଣ ସାନ୍ତ୍ୱନା ପାଆନ୍ତୁ ।

## ବାଇବଲର ମାତାମାନେ

ଈଶ୍ୱରଙ୍କ ମାତୃତ୍ୱର ଗୁଣଗୁଡ଼ିକୁ ଚିନ୍ତା କରିବା ସମୟରେ, ମୁଁ ବାଇବଲର ଏପରି ଅନେକ ମାତାମାନଙ୍କ ପ୍ରତି ଆକର୍ଷିତ ହୋଇଥିଲି ଯେଉଁମାନେ ପ୍ରତିକୂଳ ପରିବେଶ ମଧ୍ୟରେ ସେମାନଙ୍କ ପରିବାରର ପ୍ରତିପାଳନରେ ଅସାଧାରଣ ଧୈର୍ଯ୍ୟ ପ୍ରଦର୍ଶନ କରିଥିଲେ । ଏମାନଙ୍କ ମଧ୍ୟରେ ହାଗାର ଜଣେ ପ୍ରମୁଖ ନାରୀ ଅଟନ୍ତି ।

## ୧. ହାଗାର କିଏ ଥିଲେ ?

ଅନେକେ ତାଙ୍କର କାହାଣୀ ସହିତ ପରିଚିତ ଥିବେ, ମାତ୍ର ଯେଉଁମାନେ ଅଭ୍ୟସ୍ତ ନୁହଁନ୍ତି, ସେମାନଙ୍କ ପାଇଁ, ମୁଁ ତାଙ୍କର ପରିଚୟ ଦେଉଅଛି । ''ପରିତ୍ୟକ୍ତା'' କିମ୍ବା ''ପଳାୟନ''କୁ ସୂଚିତ କରୁଥିବା 'ହାଗାର' ନାମ ଏକ ଅସ୍ପଷ୍ଟତାର ଜୀବନ, ପରିଚୟ ବିହୀନ ଓ ପ୍ରାୟତଃ, ବିଦ୍ରୁପର ଜୀବନର ନିଦର୍ଶନ ଥିଲା । ମୂଳତଃ, ସେ ମିଶରରୁ ଆନୀତ ଜଣେ ଦାସୀ ଥିଲେ ଓ ନିଜକୁ ଗୋଟିଏ ନିଃସନ୍ତାନ ଦମ୍ପତି ଅବ୍ରହାମ ଓ ସାରାଙ୍କ ଗୃହରେ ଆବିଷ୍କାର କରିଥିଲେ । ହଠାତ୍, ସାରା ଅନପେକ୍ଷିତ ଭାବରେ ତାଙ୍କୁ ଅବ୍ରହାମଙ୍କ ସହିତ ବିବାହ କରାଇ ସନ୍ତାନ ପାଇବା ପାଇଁ ଆଶା କରିଥିଲେ । ସଙ୍ଗେ ସଙ୍ଗେ ହାଗାରଙ୍କ ସ୍ଥିତି ଗୋଟିଏ

## ଦୟାକରି ପ୍ରାର୍ଥନା କରନ୍ତୁ

୨୦୨୪ ଏପ୍ରିଲ ଓ ମଇ ମାସରେ ସମଗ୍ର ଭାରତରେ ଗ୍ରୀଷ୍ମକାଳୀନ ଛୁଟୀ ଦିବସୀୟ ବାଇବଲ ସ୍କୁଲ ଅନୁଷ୍ଠିତ ହେବ । ଆମେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।

*ସଂପାଦକ*

ଦାସୀରୁ ପରିବାରର ଦ୍ୱିତୀୟ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମହିଳାକୁ ପରିବର୍ତ୍ତିତ ହୋଇଥିଲା । ଧୀରେ ଧୀରେ, ସେ ଗର୍ଭଧାରଣ କରି ଇଶ୍ମାୟେଲ ନାମକ ଏକ ପୁତ୍ରକୁ ଜନ୍ମ ଦେଇଥିଲେ ଓ ଏହା ଫଳରେ ତାଙ୍କ ସ୍ଥିତି ଆହୁରି ଉନ୍ନତ ହୋଇଥିଲା । ନିଃସନ୍ଦେହରେ, ହାଗାର ନିଜର ନୂତନ ଆବିଷ୍କୃତ ଗୁରୁତ୍ୱରେ ଆନନ୍ଦ କରିଥିଲେ ଓ ଏହା ନିର୍ଦ୍ଦିଷ୍ଟ ଭାବରେ ଅବ୍ରହାମଙ୍କ ପ୍ରଥମ ପତ୍ନୀ, ସାରାଙ୍କ ପ୍ରତି ତାଙ୍କ ବ୍ୟବହାର ଓ ସଂପର୍କରେ ପ୍ରଦର୍ଶିତ ହୋଇଥିଲା । ଅବ୍ରହାମ ମଧ୍ୟ ତାଙ୍କ ବଂଶର ଏକ ଭବିଷ୍ୟତ୍ ଉତ୍ତରାଧିକାରୀ ପାଇ ଆନନ୍ଦିତ ହୋଇଥିଲେ ଓ ତାଙ୍କ ବଂଶ ରକ୍ଷା ପାଇଁ ଈଶ୍ୱରଙ୍କର ଯେ ଏକ ଭିନ୍ନ ଯୋଜନା ଥିଲା, ଏହା ସେ ଜାଣି ନ ଥିଲେ । କିନ୍ତୁ, ସାରାଙ୍କ ପ୍ରତି ହାଗାରଙ୍କ ଆଚରଣ ସେମାନଙ୍କ ସଂପର୍କକୁ ତିକ୍ତ କରିଥିଲା । ସାରାଙ୍କ ଅନୁଶୋଚନା ବୃଦ୍ଧି ପାଇଥିଲା ଓ ଏହା ଫଳରେ ସେ ହାଗାରଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଶେଷରେ, ଯେତେବେଳେ ସାରା ଈଶ୍ୱରଙ୍କ ପ୍ରତିଜ୍ଞାନୁସାରେ ନିଜେ ଏକ ପୁତ୍ରକୁ ଜନ୍ମ ଦେଲେ, ସେତେବେଳେ ସେ ନିଜ ପୁତ୍ର ଇସ୍‌ହାକଙ୍କ ବିଷୟ ଚିନ୍ତା କରି ହାଗାରଙ୍କ ପୁତ୍ର ସହିତ ନିଜ ପୁତ୍ରର ଅଧିକାର ବାଣ୍ଟିବା ପାଇଁ ଅନିଚ୍ଛୁକ ହେଲେ । ଏହା ଫଳରେ ସେ ହାଗାର ଓ ଇଶ୍ମାୟେଲଙ୍କୁ ବହିଷ୍କାର କରିବା ପାଇଁ ଅବ୍ରହାମଙ୍କୁ ବାଧ୍ୟ କରିଥିଲେ । ଏହିପରି ଭାବରେ, ନିଜ ସ୍ୱାମୀଙ୍କ ଦ୍ୱାରା ପରିତ୍ୟକ୍ତା ହୋଇ ନିଜକୁ ପ୍ରାନ୍ତର ମଧ୍ୟରେ ଆବିଷ୍କାର କରିଥିଲେ ଓ ଏଠାରେ ହିଁ ତାଙ୍କ ନାମର ପ୍ରକୃତ ଅର୍ଥ ପ୍ରତିଧ୍ୱନିତ ହୋଇଥିଲା । ନିଃସଙ୍ଗ ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇ, ସେ ନିଜର ପୁତ୍ର ଇଶ୍ମାୟେଲଙ୍କ ସହିତ ଏଣେ ତେଣେ ଘୁରି ବୁଲିଲେ ଓ ବାଇବଲ କାହାଣୀ ଗୁଡ଼ିକରେ, ଏହା ମା' ମାନେ ସମ୍ମୁଖୀନ ହୋଇଥିବା ଏକ ମାର୍ମିକ କ୍ଲେଶର କାହାଣୀ ଅଟେ ।

## ୨. ଅନିଚ୍ଛୁକ ଅଂଶଗ୍ରହଣକାରୀ – ହାଗାର

କେହି ହାଗରଙ୍କୁ ଅବ୍ରହାମଙ୍କ ସହିତ ତାଙ୍କର ବିବାହ ବିଷୟରେ ପରାମର୍ଶ କରି ନ ଥିଲେ, କିମ୍ବା ସେ ତାଙ୍କଠାରୁ ପୃଥକ୍ ହେବାକୁ ଇଚ୍ଛା କରୁଛନ୍ତି କି ନାହିଁ ବୋଲି ପଚାରି ନ ଥିଲେ । ଜୀବନ ସାରା, ଅନ୍ୟମାନେ ତାଙ୍କର ମନୋନୟନଗୁଡ଼ିକୁ ନିର୍ଣ୍ଣୟ କରିଥିଲେ ଓ ଏହା ତାଙ୍କୁ ଏକ ଅନିଚ୍ଛୁକ ଅଂଶଗ୍ରହଣକାରୀ କରିଥିଲା । ଆମ ମଧ୍ୟରୁ କେତେ ଜଣ ଏକ ଅନିଚ୍ଛୁକ ଅଂଶଗ୍ରହଣକାରୀ ହେବାର ଏହି ଅନୁଭବକୁ ସହିତ ସହାନୁଭୂତି ଦେଖାଇ ପାରିବା ? ହାଗାରଙ୍କର ସ୍ୱାଧୀନତାର ଅଭାବ ଅତି ସ୍ପଷ୍ଟ ଅଟେ – ତାଙ୍କର କୌଣସି ନିଜସ୍ୱ ସ୍ୱର ନ ଥିଲା । ପୁରୁଷ ହେଉ କିମ୍ବା ନାରୀ ହେଉ, ଯେ କେହି ବିଳାପ କରିପାରେ, ''ମୋ' ଜୀବନର ସମସ୍ତ ନିଷ୍ପତ୍ତି ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଅଛି, କେହି ମୋର ମତାମତ ଲୋଡ଼ି ନାହାନ୍ତି, କେହି ମୋର ଇଚ୍ଛା କିମ୍ବା ଅଭିଳାଷ ବିଷୟରେ ଯତ୍ନଶୀଳ ନ ଥିଲେ । ବର୍ତ୍ତମାନ ମୁଁ ମୋ' ନିଜକୁ ଅନ୍ୟମାନଙ୍କ ଦ୍ୱାରା ଗଠିତ ଏକ ଜୀବନ କାଟୁଥିବାର ଦେଖୁଅଛି ।''

ପ୍ରିୟ ବନ୍ଧୁଗଣ, ବାଇବଲ ଆମକୁ ଏହି ଭରସା ଦେଇଛି ଯେ ଯଦି ଆମେ ଈଶ୍ୱରଙ୍କଠାରେ ଆମର ବିଶ୍ୱାସ ରଖିବା, ତେବେ ''ସମସ୍ତ ବିଷୟ ଆମର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବ ।'' ଯଦିଓ ବର୍ତ୍ତମାନ ଏହାକୁ ଜାଣି ହୁଏ ନାହିଁ, ତଥାପି ଈଶ୍ୱରଙ୍କ ଅନୁମତି ବିନା କିଛି ଘଟେ ନାହିଁ । ସେ ଆମର ମଙ୍ଗଳ ନିମନ୍ତେ ଅତି ଶୋଚନୀୟ ପରିସ୍ଥିତିକୁ ସୁଦ୍ଧା ପରିବର୍ତ୍ତନ କରିବାର ଶକ୍ତି ଧାରଣ କରିଛନ୍ତି । ପ୍ରଭୁ ଯୀଶୁଙ୍କର ସର୍ବଶକ୍ତି ଏହିପରି ଅଟେ – ସେ ଯେ କୌଣସି ପରିସ୍ଥିତିକୁ ଆମ ସପକ୍ଷରେ ପରିବର୍ତ୍ତନ କରିପାରନ୍ତି । ଯଦିଓ ଆମେ ହାଗାରଙ୍କ ପରି ଈଶ୍ୱର ଆମ ପାଇଁ କ'ଣ ରଖିଛନ୍ତି, ଏହା ବୁଝି ପାରି ନ ଥାଉ, ତଥାପି ସେ ପ୍ରତ୍ୟେକ ବିଷୟକୁ ଆମ ସପକ୍ଷରେ କାର୍ଯ୍ୟକାରୀ କରାନ୍ତି । କିନ୍ତୁ ଏଥିପାଇଁ ଆମ ନିଜ ନିଜକୁ ତାଙ୍କ ନିକଟରେ ସମର୍ପଣ କରିବାକୁ ହେବ । ଗୀତସଂହିତା ୩୧:୧୫ରେ ଲେଖାଯାଇଛି, ''ଆମର ସମୟ ସବୁ ତାଙ୍କର ହସ୍ତଗତ ଅଟେ ।'' ସେଥିପାଇଁ, ଯଦି ଆପଣ ନିଜକୁ ହାଗାରଙ୍କ ପରି ଏକ ମରୁ ପ୍ରାନ୍ତରରେ ଭ୍ରମଣ କରୁଥିବାର ଆବିଷ୍କାର କରୁଛନ୍ତି, କିମ୍ବା ଆଗରେ ଯାହା ଅଛି, ସେହି ବିଷୟରେ ଅନିଶ୍ଚିତ ଅଟନ୍ତି, କିମ୍ବା ହୁଏତ ଆଦୌ ଏକ ଭବିଷ୍ୟତ୍ ଦେଖିପାରୁ ନାହାନ୍ତି, ତେବେ ସାନ୍ତ୍ୱନା ପାଆନ୍ତୁ । ମନେରଖନ୍ତୁ, ଈଶ୍ୱର ନିୟନ୍ତ୍ରଣ ରଖିଛନ୍ତି, ସେ ଆପଣଙ୍କ ମାର୍ଗକୁ ଚାଳନା ଦେବେ । କେବଳ ତାଙ୍କର ହସ୍ତକୁ ଜାବୁଡ଼ି ଧରନ୍ତୁ ଓ ହାଗାରଙ୍କ ଦୃଷ୍ଟାନ୍ତ ଅନୁସାରେ, ତାଙ୍କ ଇଚ୍ଛା ନିକଟରେ ନିଜର ଇଚ୍ଛାକୁ ସମର୍ପଣ କରନ୍ତୁ ।

ବାଇବଲ ଆଦିପୁସ୍ତକ ୨୧:୧୪ରେ ବର୍ଣ୍ଣନା କରିଛି, **''ଅନନ୍ତର ଅବ୍ରହାମ ପ୍ରଭାତରେ ଉଠି ରୋଟୀ ଓ ଜଳପୂର୍ଣ୍ଣ କୁମ୍ପା ଘେନି ହାଗାରର ସ୍କନ୍ଧରେ**



ମରୁଭୂମିରେ ହାଗାର ନିଜ ପୁତ୍ର ସହିତ

(ଅବଶିଷ୍ଟାଂଶ ୬ଷ ପୃଷ୍ଠାରେ)

ନିହିମିୟା ବାଇବଲ
ଆବାସିକ / ସାଂଧ୍ୟ କଲେଜ
ହେଲାଚେରୀ / ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ
ମାଧ୍ୟମ ~ ହିନ୍ଦୀ / ତାମିଲ
ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ
ଏସିଆ ଥିଓଲୋଜିକାଲ ଆସୋସିଏସନ୍ (ATA)
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ମିନିଷ୍ଟ୍ରିରେ ସାର୍ଟିଫିକେଟ
ଥିଓଲୋଜିରେ ଡିପ୍ଲୋମା
ଶୀଘ୍ର ଆଡ୍‌ମିଶନ କରନ୍ତୁ !
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ONLINE CLASSES ARE AVAILABLE ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

**ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)**

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

**(୨୦୨୪ ମଇ ୧୯ ରୁ ୨୦୨୪ ଜୁନ ୧୮ ପର୍ଯ୍ୟନ୍ତ)**

**(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)**

## ପ୍ରଶଂସାର ବିଷୟ

- ମଇ ୧୯ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସପଣ୍ଡେସ ପାଠ୍ୟକ୍ରମ ଆବଶ୍ୟକତା ମଧ୍ୟରେ ଥିବା ଲୋକମାନଙ୍କର ସେବା ପ୍ରତି ଉତ୍ସର୍ଗୀକୃତ ହୋଇଥିବାରୁ ।
- ମଇ ୨୦ ⇨ ଆମର ଅନୁବାଦକ, ସହଯୋଗୀ ସଂପାଦକ, ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ଆଶୀର୍ବାଦ କରିଥିବାରୁ ।
- ମଇ ୨୧ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାରର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ଦେଇଥିବାରୁ ।
- ମଇ ୨୨ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟସଭ୍ୟା, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ପ୍ରତି ତାଙ୍କର ଦୟା ସଂପ୍ରସାରିତ ହୋଇଥିବାରୁ ।
- ମଇ ୨୩ ⇨ ଆମର ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ ଓ ଥିଓଲୋଜିକାଲ କରେସପଣ୍ଡେସ୍ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ।
- ମଇ ୨୪ ⇨ ଆମ ସେବାକାର୍ଯ୍ୟର ସମସ୍ତ ଆବଶ୍ୟକତାକୁ ପୂରଣ କରିଥିବାରୁ ।
- ମଇ ୨୫ ⇨ ଆମର ମୁଖ୍ୟ ଉପାସନାଳୟ ଓ ଶାଖା ମଣ୍ଡଳୀଗୁଡ଼ିକର ସମସ୍ତ ସଦସ୍ୟଙ୍କ ପ୍ରତି ଆଶୀର୍ବାଦ କରିଥିବାରୁ ।
- ମଇ ୨୬ ⇨ ବିଶୃଙ୍ଖଳା ଓ ଯୁଦ୍ଧର ବିପଦ ମଧ୍ୟରେ ସମସ୍ତ ଦେଶକୁ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।
- ମଇ ୨୭ ⇨ ରାଜନୈତିକ ଓ ଧାର୍ମିକ ବିରୋଧ ସତ୍ତ୍ୱେ, ଆମର ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ଅଗ୍ରସର ହେଉଥିବାରୁ ।
- ମଇ ୨୮ ⇨ ସମାଜର ସମସ୍ତ କ୍ଷେତ୍ରରେ ନାରୀ ସଶକ୍ତିକରଣ ପାଇଁ ସମର୍ଥନ ମିଳୁଥିବାରୁ ।
- ମଇ ୨୯ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲକୁ ଉତ୍ତମ ଖ୍ରୀଷ୍ଟିଆନ ଶିକ୍ଷକ ଓ ଅଧକ୍ଷ ଯୋଗାଇ ଦେଇଥିବାରୁ ।
- ମଇ ୩୦ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକର ପାଳକ ଓ ବରିଷ୍ଠ ନେତାମାନଙ୍କୁ ଆଶୀର୍ବାଦ କରିଥିବାରୁ ।
- ମଇ ୩୧ ⇨ ଆମ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଉଥିବାରୁ ।
- ଜୁନ ୧ ⇨ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ନୂତନ ଛାତ୍ରମାନଙ୍କୁ ଯୋଗାଇ ଦେଇଥିବାରୁ ।
- ଜୁନ ୨ ⇨ ଆମର ସୁସମାଚାର ଛାପାକଳ ଓ ଏହାର ଦକ୍ଷ କର୍ମଚାରୀମାନଙ୍କର ସମର୍ପଣ ନିମନ୍ତେ ।
- ଜୁନ ୩ ⇨ କ୍ରମବର୍ଦ୍ଧିଷ୍ଣୁ ସଭ୍ୟସଭ୍ୟା ଓ ଆମର ୫-ମିନିଟ୍‌ର ୟୁ-ଟ୍ୟୁବ୍ ବାର୍ତ୍ତା ପାଇଁ ସାକ୍ଷ୍ୟ ଦାନ ଦ୍ୱାରା ଆନନ୍ଦ ଦେଇଥିବାରୁ ।

## ପ୍ରାର୍ଥନାର ବିଷୟ

- ଜୁନ ୪ ⇨ ଯୁବାମାନଙ୍କ ମଧ୍ୟରେ ହିଂସା ଓ ନରହତ୍ୟା ରୂପକ ମନ୍ଦ ଆତ୍ମାରୁ ଉଦ୍ଧାର ନିମନ୍ତେ ଓ ସେମାନଙ୍କୁ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ କରିବା ନିମନ୍ତେ ।
- ଜୁନ ୫ ⇨ ସମସ୍ତ ପରିବାରରେ ଯେପରି ଶାନ୍ତି ରାଜତ୍ୱ କରିବ ।
- ଜୁନ ୬ ⇨ ସମଗ୍ର ପୃଥିବୀର ଖ୍ରୀଷ୍ଟିଆନ ଶିକ୍ଷାନୁଷ୍ଠାନ ଗୁଡ଼ିକର ସୁଖ୍ୟାତି ନିମନ୍ତେ ।
- ଜୁନ ୭ ⇨ ଖ୍ରୀଷ୍ଟିଆନମାନେ ଯେପରି ଈଶ୍ୱରଙ୍କ ବାକ୍ୟକୁ ଦେହବନ୍ତ କରି ଖ୍ରୀଷ୍ଟ ସଦୃଶ ଚରିତ୍ରର ବିକାଶ କରିବେ ।
- ଜୁନ ୮ ⇨ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ବିଶ୍ୱବ୍ୟାପୀ ସୁସମାଚାର ପ୍ରସାର ନିମନ୍ତେ ।
- ଜୁନ ୯ ⇨ ଆମ ବରିଷ୍ଠ ପାଳକଙ୍କର ଆତ୍ମ ଜୀବନୀର ସଫଳତା ନିମନ୍ତେ ।
- ଜୁନ ୧୦ ⇨ ସମସ୍ତ ମଣ୍ଡଳୀଗୁଡ଼ିକରେ କୁବୁଦ୍ଧି ବିରୁଦ୍ଧରେ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।
- ଜୁନ ୧୧ ⇨ ଦେଶ ଦେଶ ମଧ୍ୟରେ ଶାନ୍ତି ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ।
- ଜୁନ ୧୨ ⇨ ଦୁର୍ଗମ ଅଞ୍ଚଳରେ ସୁସମାଚାର ଜଣାଇବା ପାଇଁ ଆମକୁ ଶକ୍ତି ଦେବା ନିମନ୍ତେ ।
- ଜୁନ ୧୩ ⇨ ବିଭିନ୍ନ ଦିଗ ଓ ପରିସରରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ନିମନ୍ତେ ।
- ଜୁନ ୧୪ ⇨ ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଉପରେ ଯେପରି ଆଶୀର୍ବାଦ ଓ ସୁରକ୍ଷା ଆସିବ ।
- ଜୁନ ୧୫ ⇨ ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ସକାଶେ ।
- ଜୁନ ୧୬ ⇨ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।
- ଜୁନ ୧୭ ⇨ ପ୍ରାର୍ଥନା ଓ ଅର୍ଥ ସହାୟତା ମାଧ୍ୟମରେ ଆମ ସେବାକାର୍ଯ୍ୟକୁ ଧରି ରଖିଥିବା ଆମର ସହାୟତାକାରୀ, ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ନିମନ୍ତେ ।
- ଜୁନ ୧୮ ⇨ ଯେପରି ପୃଥିବୀରେ ତାଙ୍କ ରାଜ୍ୟର ଅଗ୍ରଗତି ନିମନ୍ତେ ଥିବା ଆମର ଅନେକ ଦର୍ଶନ ଈଶ୍ୱରଙ୍କ ଦ୍ୱାରା ଅନୁମୋଦିତ ହେବ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

**ଦେଇ ବାଳକଙ୍କୁ ସମର୍ପଣ କରି ତାହାଙ୍କୁ ବିଦାୟ କଲା, ତହିଁରେ ସେ ପ୍ରସ୍ଥାନ କରି ବେରଶେବା ନାମକ ପ୍ରାନ୍ତରରେ ପଥ ହରାଇଲା''** (ଆଦି ୨୧:୧୪) । ଆଶ୍ଚର୍ଯ୍ୟର ବିଷୟ, ଅବ୍ରହାମ ଜଣେ ଧନୀ ବ୍ୟକ୍ତି ହୋଇଥିଲେ ସୁଦ୍ଧା କେବଳ କିଛି ଖାଦ୍ୟ ଓ ଗୋଟିଏ କୁମ୍ପା ଜଳ ଦେଇଥିଲେ । ସେ ଅଧିକ ଉଦାର ଭାବେ ଦେବେ ବୋଲି ଜଣେ ହୁଏତ ଆଶା କରିଥିବେ – ହୁଏତ ସେ ହାଗାରଙ୍କୁ ଦାସ ଦାସୀ ଓ ଯଥେଷ୍ଟ ଆବଶ୍ୟକୀୟ ବିଷୟ ଦେଇପାରିଥାନ୍ତେ । କିନ୍ତୁ, ସେ ଦେଇ ନ ଥିଲେ । ହାଗାର ଈଶ୍ୱରଙ୍କୁ ତାଙ୍କର ଯୋଗାଣ କର୍ତ୍ତା ଓ ଆଶ୍ରୟ ଭାବରେ ଅନୁଭବ କରନ୍ତୁ ବୋଲି ହୁଏତ ଅବ୍ରହାମ ଇଚ୍ଛା କରିଥିଲେ, ମାତ୍ର ତାଙ୍କର ମନୋଭାବ ଅସ୍ପଷ୍ଟ ହୋଇ ରହିଛି ।

ନିଃସଙ୍ଗ ଓ ପରିତ୍ୟକ୍ତା ହାଗାର ମରୁ ପ୍ରାନ୍ତରରେ ଜଣେ ଏକାକିନୀ ମାତା ଭାବରେ ନିଜ ପୁତ୍ରକୁ ପ୍ରତିପାଳନ କରିବାର ଦୁଃସହ କାର୍ଯ୍ୟର ସମ୍ମୁଖୀନ ହୋଇଥିଲେ । କୌଣସି ଅର୍ଥ ସହାୟତା କିମ୍ବା ପାରିବାରିକ ସହାୟତା ବିନା, ସେ ଅନେକ କଷ୍ଟ ସହ୍ୟ କରିଥିଲେ । ବାଇବଲରେ ଲେଖାଅଛି, **''କାରଣ ତୁମ୍ଭର ନିର୍ମାଣ କର୍ତ୍ତା ତୁମ୍ଭର ସ୍ୱାମୀ ଅଟନ୍ତି, ସୈନ୍ୟାଧିପତି ସଦାପ୍ରଭୁ ତାହାଙ୍କର ନାମ ଓ ଇସ୍ରାଏଲର ଧର୍ମସ୍ୱରୂପ ତୁମ୍ଭର ମୁକ୍ତିଦାତା, ସେ ସମୁଦାୟ ପୃଥିବୀର ପରମେଶ୍ୱର ବୋଲି ବିଖ୍ୟାତ ହେବେ''** (ଯିଶାଇୟ ୫୪:୫) । ବାଇବଲ ଏହିପରି ନାରୀମାନଙ୍କୁ ଏହି ଭରସା ଦିଏ ଯେ ଈଶ୍ୱର ସେମାନଙ୍କର ସ୍ୱାମୀ ଓ ଯୋଗାଣକର୍ତ୍ତା ଅଟନ୍ତି, ସେ ସାନ୍ତ୍ୱନା ଓ ଉତ୍ସାହ ପ୍ରଦାନ କରନ୍ତି ।

## ୩. ହାଗାର ଓ ତାଙ୍କର ପୁତ୍ର

ନିଃସନ୍ଦେହରେ, ଏହି କଷ୍ଟକର ପରୀକ୍ଷା ଉଭୟ ହାଗାର ଓ ତାଙ୍କ ପୁତ୍ର ପାଇଁ ଅତି କ୍ଲେଶଦାୟକ ଥିଲା ଓ ଶେଷରେ ପୁତ୍ରଟି ମୂର୍ଚ୍ଛିତ ହୋଇଯାଇଥିଲା । ନିଜ ପୁତ୍ରର ଆସନ୍ନ ମୃତ୍ୟୁକୁ ଦେଖିବା ହାଗାରଙ୍କ ନିମନ୍ତେ ହୃଦୟ ବିଦାରକ ହୋଇଥିବ । ଆଦିପୁସ୍ତକ ୨୧:୧୬ରେ, ଲେଖାଅଛି, **''ବାଳକର ମରଣ ମୁଁ ଦେଖିବି ନାହିଁ ।''**


ନିଜ ପୁତ୍ର ପାଇଁ ହାଗାରଙ୍କ କ୍ରନ୍ଦନ

ସେ କ୍ରନ୍ଦନ କରିଥିଲେ ଓ ନିଜ ପୁତ୍ରକୁ ଜୀବିତ ରଖିବା ପାଇଁ ବ୍ୟାକୁଳ ହେଉଥିଲେ, ମାତ୍ର ସେ ସଂପୂର୍ଣ୍ଣ ଭାବରେ ଶକ୍ତିହୀନ ଥିଲେ । ଆପଣ ଯେଉଁ ବିଷୟକୁ ଅତି ପ୍ରିୟ ଭାବରେ ଧରି ରଖିଛନ୍ତି, ତାକୁ ଚାଲି ଯାଉଥିବାର ଦେଖିବା କେତେ ଦୁଃଖଦାୟକ, ତାହା କଳ୍ପନା କରନ୍ତୁ । ନିଜର ଅତି ଅନ୍ଧକାରମୟ ସମୟରେ, ହାଗାର ସାହାଯ୍ୟ ଓ ସାନ୍ତ୍ୱନା ପାଇଁ କ୍ରନ୍ଦନ କରି ପ୍ରଭୁଙ୍କ ପ୍ରତି ଫେରିଥିଲେ ।

ଜଣେ ମା'ର ସୁନ୍ଦର ଚରିତ୍ର ଉପରେ ଚିନ୍ତା କଲେ, ଈଶ୍ୱର କିପରି ମା'ମାନଙ୍କୁ ସେମାନଙ୍କ ସନ୍ତାନମାନଙ୍କ ପ୍ରତି ଆଶୀର୍ବାଦର ବାହକ ଭାବରେ ନିଯୁକ୍ତ କରିଛନ୍ତି, ତାହା ଆମେ ଦେଖୁ ।

## ନିଜ ପୁତ୍ର ପାଇଁ ଈଶ୍ୱରଙ୍କ ନିକଟରେ ଜଣେ ମା'ର ଅତି ବ୍ୟାକୁଳ ବିନତି

### କ. ମା' କ୍ରନ୍ଦନ କରିବା ସମୟରେ, ଈଶ୍ୱର ତାଙ୍କର ପୁତ୍ରର ଅତି ଆବଶ୍ୟକତା ପ୍ରତି ଦୃଷ୍ଟିପାତ କରନ୍ତି ।

୧୭ ପଦରେ, ଯେତେବେଳେ ସେମାନଙ୍କର ପାତ୍ରରୁ ଜଳ ଶେଷ ହୋଇଗଲା, ସେତେବେଳେ ଉଭୟ ହାଗାର ଓ ତାଙ୍କ ପୁତ୍ର ସେମାନଙ୍କ ଶକ୍ତି ହରାଇଲେ ଓ ସେମାନଙ୍କ ଅବସ୍ଥା ଅତି ଶୋଚନୀୟ ହେଲା । ଦୁଃଖରେ ମ୍ରିୟମାଣ ହୋଇ ହାଗାର ନିଜ ପୁତ୍ରର ମୃତ୍ୟୁକୁ ଦେଖିବା ସହ୍ୟ କରି ପାରି ନ ଥିଲେ । ସେମାନେ ମରୁ ଭୂମିରେ ଲକ୍ଷ୍ୟହୀନ ଭାବରେ ଘୁରି ବୁଲିଲେ, କେଉଁ ଦିଗରେ ଯିବେ, ଏହା ଜାଣି ନ ପାରି ଭବିଷ୍ୟତ୍‌ର ସମସ୍ତ ଆଶା ହରାଇ ଦେଇଥିଲେ । ସେମାନଙ୍କର ଖାଦ୍ୟ ଓ ଜଳ ଶେଷ ହୋଇଯିବାରୁ, ତାଙ୍କ ପୁତ୍ରର ମୃତ୍ୟୁର ବିପଦ ଅସହ୍ୟ ହୋଇଗଲା ।

**''ପୁଣି ସେ ତାହା ଆଗରୁ ଦୂରକୁ ତୀରେକ ପରିମାଣ ଯାଇ ବସିଲା, କାରଣ ସେ କହିଲା, ବାଳକର ମରଣ ମୁଁ ଦେଖିବି ନାହିଁ । ପୁଣି ସେ ତାହା ଆଗରେ ବସି ଉଚ୍ଚସ୍ୱରରେ ରୋଦନ କଲା''** (ଆଦି ୨୧:୧୬) ।

ଯେତେବେଳେ ଜଣେ ମା' କ୍ରନ୍ଦନ କରନ୍ତି, ସେତେବେଳେ ଈଶ୍ୱର ତାଙ୍କ ସନ୍ତାନର ଦୁଃଖ ପ୍ରତି ଦୃଷ୍ଟି ଦିଅନ୍ତି । ଆମ ପ୍ରାର୍ଥନା ମାଧ୍ୟମରେ, ଈଶ୍ୱର ଯେ କେବଳ ଶୁଣନ୍ତି, ତା' ନୁହେଁ, ମାତ୍ର ଆମର ଅଶ୍ରୁକୁ ମଧ୍ୟ ଦେଖନ୍ତି ଓ ଆମର ଦୁଃଖକୁ ଅନୁଭବ କରନ୍ତି । **''ପ୍ରତ୍ୟେକ ଅଶ୍ରୁ ଟୋପା ଈଶ୍ୱରଙ୍କ ପାତ୍ରରେ ସଞ୍ଚିତ ହୁଏ''** (ଗୀତ ୫୬:୮) । ମା'ମାନେ ସେମାନଙ୍କ ସନ୍ତାନମାନଙ୍କ ପାଇଁ ପ୍ରାର୍ଥନା ଓ ନିବେଦନ କରୁଥିବା ସମୟରେ, ଈଶ୍ୱର ସେମାନଙ୍କ ଆବଶ୍ୟକତାଗୁଡ଼ିକର ଯତ୍ନ ନିଅନ୍ତି । ଈଶ୍ୱର ''ବାଳକର କ୍ରନ୍ଦନ ଶୁଣିଲେ'' ବୋଲି ବାଇବଲ ବର୍ଣ୍ଣନା କରିଥିଲେ ମଧ୍ୟ, ମା'ଙ୍କର କ୍ରନ୍ଦନ ହିଁ ଈଶ୍ୱରଙ୍କର ପ୍ରତିକ୍ରିୟାକୁ କ୍ଷିପ୍ର କରିଥିଲା । ଈଶ୍ୱର କେବଳ ହାଗାରଙ୍କର ଉଚ୍ଚ ସ୍ୱରର କ୍ରନ୍ଦନକୁ ଶୁଣିଥିଲେ, ତା' ନୁହେଁ, ସେ ଇଶ୍ମାୟେଲର ନୀରବ ନିବେଦନ ପ୍ରତି ମଧ୍ୟ ପ୍ରତିକ୍ରିୟା ଦେଖାଇଥିଲେ ।

ଯଦି ଆପଣ ଆଜି ଆପଣଙ୍କ ସନ୍ତାନ ନିମନ୍ତେ ଉଦ୍‌ଯୋଗପୂର୍ଣ୍ଣ ଭାବରେ ପ୍ରାର୍ଥନା କରୁଛନ୍ତି, ତେବେ

....Contd. to page 9

## ଉପାଧି ପ୍ରଦାନ ସଭା, ୨୦୨୩-୨୦୨୪

**ସ୍ଥାନ :** BKN Hall, Vepery, Chennai – 07.



**ତାରିଖ : ୨୦୨୪, ଜୁନ ୧ ତାରିଖ**



**ସମୟ : ସନ୍ଧ୍ୟା ୫ଟା**

ପ୍ରାୟ ୫୦ ଜଣ ଛାତ୍ର ସେମାନଙ୍କ ପାଠ ସଂପୂର୍ଣ୍ଣ କରିବେ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେବେ ।

ଆମେ ୨୦୨୪–୨୦୨୫ ଶିକ୍ଷା ବର୍ଷ ପାଇଁ ତାମିଲ ଓ ହିନ୍ଦୀ ପାଠ୍ୟକ୍ରମ ନିମନ୍ତେ ୭୫ ଛାତ୍ର ଆବଶ୍ୟକ କରୁଅଛୁ । ଦୟାକରି ଏହି ଅନୁରୋଧ ପାଇଁ ପ୍ରାର୍ଥନା କରନ୍ତୁ ।

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ –୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

# ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମେ କେତେ ଉତ୍ତମ ବନ୍ଧୁ ପାଇଅଛୁ !

*"ମାତ୍ର ମୁଁ ଜାଣେ, ମୋହର ମୁକ୍ତିକର୍ତ୍ତା ଜୀବିତ ଅଛନ୍ତି" (ଆୟୁବ ୧୯:୨୫) ।*

ମୋ' ସେବାକାର୍ଯ୍ୟର ଆଦ୍ୟ ଦିନ ଗୁଡ଼ିକରେ, ମୁଁ ଈଶ୍ୱରଙ୍କ ଦ୍ୱାରା ଅନୁମୋଦିତ ଅନେକ ପରୀକ୍ଷା ଓ କ୍ଲେଶ ସହ୍ୟ କରିଥିଲି । ମୁଁ ଅର୍ଥନୈତିକ ପ୍ରତିବନ୍ଧକ ଦ୍ୱାରା ଭାରଗ୍ରସ୍ତ ହୋଇଥିଲି ଓ ଏହା ଫଳରେ ଏକ ସ୍ଥାୟୀ ସେବାକାର୍ଯ୍ୟର ମୁଖ୍ୟାଳୟ ସ୍ଥାପନ କରିବାର ପ୍ରତ୍ୟାଶା ଅଲଭ୍ୟ ଥିଲା । ଏଥିଯୋଗୁ, ମୁଁ ନିରନ୍ତର ସ୍ଥାନାନ୍ତର ହେଉଥିଲି ଓ ବାରମ୍ବାର ମୋର ବାସଗୃହ ଓ କାର୍ଯ୍ୟାଳୟକୁ ପରିବର୍ତ୍ତନ କରୁଥିଲି ।

୧୯୮୦ରେ, ମୁଁ ଅତି ଗୁରୁତରଭାବେ ଅସୁସ୍ଥ ହେଲି । ଜ୍ୱର ଓ ଶରୀର ମଧ୍ୟରେ ଅତିଶୟ ଯନ୍ତ୍ରଣା, ବିଶେଷ ଭାବରେ ବେକରେ ଯନ୍ତ୍ରଣା ଦ୍ୱାରା ଆକ୍ରାନ୍ତ ହୋଇ, ମୁଁ ନିଜକୁ ଅତି ଶୋଚନୀୟ କଷ୍ଟ ମଧ୍ୟରେ ଆବିଷ୍କାର କରିଥିଲି । ଆଉ ଗୋଟିଏ ବିଷୟ ମୋ' କଷ୍ଟକୁ ଦ୍ୱିଗୁଣିତ କରିଥିଲା, ଅର୍ଥାତ୍, ମୁଁ ଯେଉଁ ଅଞ୍ଚଳରେ ସେବାକାର୍ଯ୍ୟ କରୁଥିଲି, ତାହା ମୁଖ୍ୟତଃ, ଅଣ-ଖ୍ରୀଷ୍ଟିୟାନ ଅଞ୍ଚଳ ଥିଲା । ଏଥି ଯୋଗୁ ସ୍ଥାନୀୟ ଲୋକମାନଙ୍କଠାରୁ ପୃଥକ୍ ଓ ଅସମର୍ଥିତ ଥିଲି । ମୋର ଗଭୀର ଅସୁସ୍ଥତା ଓ ନିଃସଙ୍ଗତା ମଧ୍ୟରେ, କେବଳ ଗୋଟିଏ ରାତ୍ରି ମୋ' ସହିତ ରହିବା ପାଇଁ, ମୁଁ ମୋର ଜଣେ ବନ୍ଧୁଙ୍କୁ ଅନୁରୋଧ କରିଥିଲି । ମୁଁ ତାଙ୍କୁ ଅତୀତରେ ସାହାଯ୍ୟ କରିଥିବା ସତ୍ତ୍ୱେ, ସେ ଉଦାସୀନଭାବେ ମନା କରି ଦେଇଥିଲେ । ନିର୍ଜ୍ଜନତାରେ ଦୁଃଖଭୋଗ କରିବା ପାଇଁ ପରିତ୍ୟକ୍ତ ହୋଇ, ମୁଁ ଗୋଟିଏ ରାତ୍ରି ଅକଳ୍ପନୀୟ ଦୁଃଖ ସହ୍ୟ କରିଥିଲି ।

ପରଦିନ ସକାଳେ, କେତେଜଣ ଦୟାଳୁ ବ୍ୟକ୍ତି ମୋତେ ଏକ ସରକାରୀ ଡାକ୍ତର ଖାନାରେ ଭର୍ତ୍ତି କରି ଦେଲେ ଓ ସେଠାରେ ମୁଁ ପୁଣିଥରେ ଏକାକୀ ମୋ' ଦୁଃଖର ସମ୍ମୁଖୀନ ହେବା ପାଇଁ ପରିତ୍ୟକ୍ତ ହୋଇଥିଲି । ଦୁଃଖର ଦିନଗୁଡ଼ିକୁ ସହ୍ୟ କରିବା ପରେ, ଡାକ୍ତର ଖାନାର ଅଧିକାରୀମାନେ ଏହା ନିର୍ଣ୍ଣୟ କଲେ ଯେ ଅସ୍ତ୍ରୋପଚାର ନିହାତି ଆବଶ୍ୟକ ଅଟେ । କିନ୍ତୁ, ମୋର ପରିସ୍ଥିତିକୁ ଦେଖି, ମୁଁ ଏହିପରି ଏକ ପଦ୍ଧତି ମଧ୍ୟ ଦେଇ ଯିବା ବିଷୟରେ ଅନିଚ୍ଛୁକ ଥିଲି ଓ ଏହା ପରିବର୍ତ୍ତେ ପ୍ରାର୍ଥନା ପ୍ରତି ଫେରିଲି । ଈଶ୍ୱରଙ୍କ ନିକଟରେ ମୋ' ହୃଦୟକୁ ଢ଼ାଳି ଦେଇ, ମୋ' ନିକଟରେ ଥିବା ଜାଗତିକ ସ୍ୱାଚ୍ଛନ୍ଦ୍ୟର ଘଞ୍ଚା ସତ୍ତ୍ୱେ, ମୁଁ ମୋ' ସେବାକାର୍ଯ୍ୟରେ ସମ୍ମୁଖୀନ ହେଉଥିବା ଅସଂଖ୍ୟ ଆହ୍ୱାନଗୁଡ଼ିକୁ ସ୍ପଷ୍ଟଭାବରେ ପ୍ରକାଶ କରିଥିଲି । **"ମୁଁ ଆପଣାର ସକଳ ଗତି ବର୍ଣ୍ଣନା କରନ୍ତେ, ତୁମ୍ଭେ ମୋତେ ଉତ୍ତର ଦେଲ"** (ଗୀତ ୧୧୯:୨୬) ।

ଏହାପରେ, ମୁଁ ଅତି ଉଦ୍‌ଯୋଗର ସହିତ ପ୍ରାର୍ଥନା କରୁଥିବା ସମୟରେ, ଦିନେ ରାତିରେ ମୋ' ଉପରେ ଈଶ୍ୱରଙ୍କ ସୁସ୍ଥକାରୀ ହସ୍ତର ସ୍ପର୍ଶର ଅନୁଭବ ପାଇଥିଲି । ମୋ' ସତ୍ତାରେ ଦୃଢ଼ ବିଶ୍ୱାସ ପ୍ରବାହିତ ହୋଇଥିଲା ଓ ମୁଁ ସଙ୍ଗେ ସଙ୍ଗେ ମୋର ଡାକ୍ତରଙ୍କୁ ମୋର ଅନୁଭୂତି ଜଣାଇଥିଲି । ଡାକ୍ତର ସହାନୁଭୂତି ଦେଖାଇ ମନ୍ତବ୍ୟ ଦେଇଥିଲେ, "ମୁଁ ବୁଝୁଛି, ଅନେକ ଖ୍ରୀଷ୍ଟିୟାନ ଚିକିତ୍ସାକୁ ଅସ୍ୱୀକାର କରନ୍ତି ଓ ଯୀଶୁ ଖ୍ରୀଷ୍ଟ ସେମାନଙ୍କୁ ସୁସ୍ଥ କରିଛନ୍ତି ବୋଲି ଦାବୀ କରନ୍ତି । ଆପଣ ମଧ୍ୟ ଏହିପରି ଏକ



**ଯୀଶୁ ଖ୍ରୀଷ୍ଟଙ୍କର ସ୍ୱର୍ଗୀୟ ସ୍ପର୍ଶ**

କଥା କହୁଛନ୍ତି ।" ଏହାପରେ ସେ ଅନୁଗ୍ରହ ପୂର୍ବକ ଅସ୍ତ୍ରୋପଚାର ପାଇଁ ମୋ' ଉପରେ ଚାପ ନ ପକାଇ କିମ୍ବା କୌଣସି ଔଷଧର ପରାମର୍ଶ ନ ଦେଇ ମୋତେ ଡାକ୍ତରଖାନାରୁ ଛାଡ଼ିଦେଲେ । ପ୍ରକୃତରେ, ଈଶ୍ୱର ମୋର ବିଶ୍ୱାସ ଅନୁସାରେ ତାଙ୍କର ଶକ୍ତି ପ୍ରକାଶ କରିଥିଲେ ଓ ମୁଁ ତାଙ୍କଠାରେ ବିଶ୍ୱାସ କରୁଥିବା ସମୟରେ ମୋତେ ଦୁଃଖରୁ ଉଦ୍ଧାର କରିଥିଲେ ।

ଈଶ୍ୱର ମୋତେ ପ୍ରାୟ ୩୬ ବର୍ଷ ପୂର୍ବରୁ ସଂପୂର୍ଣ୍ଣ ସୁସ୍ଥତା ଦେଇଥିଲେ ଓ ସେହି ଦିନଠାରୁ, ମୋତେ ଆଉ କେବେ ସେହି ରୋଗ ସ୍ପର୍ଶ କରି ନାହିଁ । ଗାଡ଼ି ଚଳାଇ ଯାଉଥିବା ସମୟରେ, ଅସମତଳ ଓ ବନ୍ଧୁର ରାସ୍ତା ସତ୍ତ୍ୱେ, ମୁଁ ଆଉ କେବେହେଲେ ପିଠି ଯନ୍ତ୍ରଣା କିମ୍ବା ବେକ ଯନ୍ତ୍ରଣାର ଅନୁଭୂତି ପାଇ ନାହିଁ । ଦୈନନ୍ଦିନ କାର୍ଯ୍ୟରେ ମୋର ପ୍ରାୟ ୨୪ ଘଣ୍ଟା ବିତିଯାଏ ଓ ମୁଁ ଅଫିସ କାର୍ଯ୍ୟ ଓ ପ୍ରଚାର କାର୍ଯ୍ୟ ମଧ୍ୟରେ ବିଭାଜିତ ହୁଏ । ତଥାପି କ୍ଲାନ୍ତି ମୋତେ ସ୍ପର୍ଶ କରେ ନାହିଁ । ଈଶ୍ୱରଙ୍କ ସୁସ୍ଥକାରୀ ସ୍ପର୍ଶ ମୋତେ କେବଳ ଦୁଃଖରୁ ମୁକ୍ତି ଦିଏ, ତା' ନୁହେଁ, ମାତ୍ର ମୋ' ଉପରେ ପ୍ରଚୁର ଆଶୀର୍ବାଦ ମଧ୍ୟ ଢ଼ାଳିଦିଏ । ପ୍ରଥମେ, ମୋର କେବଳ ଜଣେ ବନ୍ଧୁ ଥିଲେ, ମାତ୍ର ବର୍ତ୍ତମାନ, ଈଶ୍ୱର ମୋତେ ସମଗ୍ର ପୃଥିବୀର ଅନେକ ବନ୍ଧୁ ପ୍ରଦାନ କରି ଉଭୟ ମୋତେ ଓ ମୋର ସେବାକାର୍ଯ୍ୟକୁ ସମୃଦ୍ଧ କରିଛନ୍ତି ।

ପ୍ରିୟ ବନ୍ଧୁ, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ସର୍ବୋପରି ଅସାଧାରଣ ଅଟନ୍ତି ଓ ଆମକୁ ଏହି ଜଗତର ଅନ୍ଧକାର ମଧ୍ୟ ଦେଇ କଢ଼ାଇ ନିଅନ୍ତି । ତାଙ୍କୁ ଆପଣଙ୍କର ପ୍ରକୃତ ବନ୍ଧୁ ଭାବରେ ଗ୍ରହଣ କରନ୍ତୁ ଓ ଈଶ୍ୱର ଏବଂ ସେ ନିରୂପିତ ସମୟରେ ଧାର୍ମିକତାର ପଥକୁ ଆଲୋକିତ କରିବେ । ଯଦି ଆପଣ ଏ ପର୍ଯ୍ୟନ୍ତ ତାଙ୍କୁ ଆପଣଙ୍କର ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ନିମନ୍ତ୍ରଣ କରି ନାହାନ୍ତି, ତେବେ ବର୍ତ୍ତମାନ ହିଁ ତାହା କରନ୍ତୁ ଓ ତାଙ୍କ ସ୍ୱର୍ଗୀୟ ଚାଳନା ଅଧୀନରେ ଏକ ସେବାର ଯାତ୍ରା ଆରମ୍ଭ କରନ୍ତୁ । ତାଙ୍କର ନେତୃତ୍ୱ ମୋତେ ପ୍ରତିଦିନ ଧରି ରଖେ ଓ ସେ ଆପଣଙ୍କ ନିମନ୍ତେ ମଧ୍ୟ ତାହା କରିବେ ବୋଲି ମୁଁ ଦୃଢ଼ ବିଶ୍ୱାସ କରେ ।

ଯିଶାଇୟ ୪୩:୧୯ରେ ଲେଖାଯାଏ, **"... ଆମ୍ଭେ ପ୍ରାନ୍ତର ମଧ୍ୟରେ ପଥ ଓ ମରୁଭୂମିରେ ନଦନଦୀ କରିବା ।"**

★★★

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ଏହାର କାରଣ ଯାହା ହେଲେ ମଧ ପ୍ରଭୁଙ୍କ ନିକଟରେ କ୍ରନ୍ଦନ କରନ୍ତୁ, କାରଣ କେବଳ ସେ ହିଁ ଆପଣଙ୍କର ଆବର୍ଶ୍ୟକତାକୁ ପୂରଣ କରିପାରିବେ । ସେହି ପ୍ରଭୁଙ୍କର ଅନ୍ୱେଷଣ କରନ୍ତୁ, ଯିଏ କ୍ରୁଶ ଉପରେ ମୃତ୍ୟୁବରଣ କରିବା ପୁନର୍ଜୀବିତ ହେବା ଦ୍ୱାରା ଆମ ସମସ୍ତଙ୍କ ନିମନ୍ତେ ବିଜୟପ୍ରାପ୍ତ ହୋଇଥିଲେ ।

## ଖ. ମା' କ୍ରନ୍ଦନ କରିବା ସମୟରେ, ସେ ନିଜ ପୁତ୍ରର ସ୍ଥାନରେ ଠିଆ ହୋଇଥିଲେ ।

ହାଗାର ନିଜ ପୁତ୍ରର ଭୂମିକା ଗ୍ରହଣ କରିଥିଲେ ଓ ଯେତେବେଳେ ଗୋଟିଏ ଶବ୍ଦ ସୁଦ୍ଧା ଉଚ୍ଚାରଣ କରିବା ପାଇଁ ତା'ର ଶକ୍ତି ନ ଥିଲା, ସେତେବେଳେ ମା' ତା' ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ମାର୍ମିକ ମୁହୂର୍ତ୍ତରେ, ଜଣେ ମା' ନିଜର ଅବସାଦଗ୍ରସ୍ତ ପୁତ୍ର ପକ୍ଷରୁ ନିବେଦନ କରୁଥିବା ସମୟରେ ତାଙ୍କର ପ୍ରେମ ଊର୍ଦ୍ଧ୍ୱକୁ ଉଠିଥିଲା । ଶକ୍ତି ଓ ଇଚ୍ଛା ହରାଇଥିବା ପୁତ୍ର ବିଷାଦଗ୍ରସ୍ତ ହୋଇଥିଲା । ତଥାପି, ତା' ବଦଳରେ, ତା'ର ମା' ସ୍ୱର ଉଠାଇ କ୍ରନ୍ଦନ କରିଥିଲେ ।

ଏହା ଆମ ପିଲାମାନଙ୍କ ପାଇଁ ନିବେଦନ କରିବା ନିମନ୍ତେ ଆମକୁ ବ୍ୟାକୁଳ କରୁଥିବା ମାତୃତ୍ୱର ଉତ୍ସର୍ଗୀକୃତ ପ୍ରକୃତି ପ୍ରତି ଏକ ସାକ୍ଷୀ ଅଟେ । ହୁଏତ ଆପଣଙ୍କର ଏପରି ଗୋଟିଏ ପୁତ୍ର କିମ୍ୱା କନ୍ୟା ଅଛି ଯିଏ ଈଶ୍ୱରଙ୍କଠାରୁ ଦୂରେଇ ଯାଇଛି କିମ୍ୱା ଶାରୀରିକ କିମ୍ୱା ମାନସିକ କ୍ଳେଶରେ ସଂଘର୍ଷ କରୁଅଛି । ଯଦିଓ ସେମାନେ ପ୍ରାର୍ଥନା ଓ ବିଶ୍ୱାସକୁ ପୁରୁଣା କାଳିଆ ବୋଲି ଭାବନ୍ତି, ତଥାପି ଆପଣ ସେମାନଙ୍କ ନିମନ୍ତେ ଫାଟ ସ୍ଥାନରେ ଠିଆ ହୋଇପାରିବେ । ଫାଟ ସ୍ଥାନରେ ଠିଆ ହେବା ପାଇଁ, ଜଣେ ମା'ଙ୍କୁ ସେମାନଙ୍କ ପକ୍ଷରୁ ଈଶ୍ୱରଙ୍କ ନିକଟରେ ନିବେଦନ କରି ସେମାନଙ୍କ ଆତ୍ମିକ ଓ ଜାଗତିକ ଆବଶ୍ୟକତା ନିମନ୍ତେ ଉଦ୍‌ଯୋଗର ସହିତ ପ୍ରାର୍ଥନା କରିବାକୁ ପଡ଼ିବ ।

ମା' ପ୍ରାର୍ଥନା କରିବା ସମୟରେ, ଈଶ୍ୱର ଶୁଣିଥିଲେ ଓ ଉତ୍ତର ଦେଇଥିଲେ ।

ଆମ ପିଲାମାନଙ୍କର ମଙ୍ଗଳ ନିମନ୍ତେ ଈଶ୍ୱରଙ୍କୁ ନିବେଦନ କରିବା ଆମର ପବିତ୍ର କର୍ତ୍ତବ୍ୟ ଅଟେ । ଆସନ୍ତୁ ଆମେ ମା'ମାନେ ପ୍ରାର୍ଥନାରେ ଆମ ସ୍ୱରକୁ ଉଚ୍ଚ କରିବା ଓ ଆମ ପୁତ୍ର କନ୍ୟା ଓ ପୌତ୍ରପୌତ୍ରୀ ମାନଙ୍କ ନିମନ୍ତେ କ୍ରନ୍ଦନ କରିବା ।

## ଗ. ମା' କ୍ରନ୍ଦନ କରିବା ସମୟରେ ଈଶ୍ୱର ପୁତ୍ରକୁ ଆଶୀର୍ବାଦ କରି ଭବିଷ୍ୟତ ଯୋଜନା ପ୍ରକାଶ କରିଥିଲେ (୧୮–୨୦ ପଦ) ।

ମା' କ୍ରନ୍ଦନ ଓ ନିବେଦନ କରିବା ସମୟରେ, ଈଶ୍ୱର କେବଳ ଆଶ୍ଚର୍ଯ୍ୟଜନକ ଭାବେ ଜଳ ଯୋଗାଇଥିଲେ, ତା' ନୁହେଁ, ମାତ୍ର ତାଙ୍କ ପୁତ୍ରକୁ ଜୀବନ ମଧ୍ୟ ପ୍ରଦାନ କରିଥିଲେ । ସେ ତାକୁ ଏକ ଅଦମ୍ୟ ବ୍ୟକ୍ତିରେ ପରିଣତ କରି ଓ ବଡ଼ ସୌଭାଗ୍ୟ ବିଷୟରେ ସୂଚନା ଦେଇଥିଲେ । ଅଧିକନ୍ତୁ, ମା'ଙ୍କର ଅତି ଉଦ୍‌ଯୋଗ ପୂର୍ଣ୍ଣ ନିବେଦନର ପ୍ରତିକ୍ରିୟାରେ ଈଶ୍ୱର ତାଙ୍କ ନିକଟରେ ଇଶ୍ମାୟେଲଙ୍କର ଭବିଷ୍ୟତ୍ ଉନ୍ମୋଚନ କରିଥିଲେ ।



ହାଗାରଙ୍କ ପୁତ୍ର



ଈଶ୍ୱରଙ୍କ ଦୂତ ହାଗାରଙ୍କ ସହିତ କଥା କହିଥିଲେ

**"ତୁମ୍ଭେ ଠିଆ ହୋଇ ବାଳକକୁ ଉଠାଇ ହସ୍ତରେ ଧର, ଆମ୍ଭେ ତାହାଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା"** (ଆଦି ୨୧:୧୮) ।

ଯେତେବେଳେ ମା'ମାନେ ପ୍ରାର୍ଥନା କରନ୍ତି ସେତେବେଳେ ଆମ ସନ୍ତାନମାନଙ୍କର ଭବିଷ୍ୟତ୍ ବିଷୟରେ ଈଶ୍ୱରଙ୍କ ପ୍ରତ୍ୟାଦେଶ ଉନ୍ମୋଚିତ ହୁଏ । ଆମେ ଅନ୍ୟ କୌଣସିଠାରେ ଉତ୍ତର ଅନ୍ୱେଷଣ କରିବା ଅନାବଶ୍ୟକ, ଈଶ୍ୱର ପ୍ରାର୍ଥନାଶୀଳା ମା' ମାନଙ୍କ ନିକଟରେ ସେଗୁଡ଼ିକୁ ପ୍ରକାଶ କରନ୍ତି । ସେଥିପାଇଁ ଆସନ୍ତୁ, ଆମେ ପ୍ରାର୍ଥନାଶୀଳ ମା' ମାନଙ୍କର ଆଚ୍ଛାଦନକୁ ଗ୍ରହଣ କରିବା ଓ ଆମ ପିଲାମାନଙ୍କ ପାଇଁ କ୍ରନ୍ଦନ କରିବାକୁ ଓ ଫାଟ ସ୍ଥାନରେ ଠିଆ ହେବାକୁ ପ୍ରସ୍ତୁତ ରହିବା ।

*******

ଆବଶ୍ୟକ

ନିହିମିୟା ବାଇବଲ କଲେଜ,
ଆହ୍ୱାନର ପ୍ରତିଧ୍ୱନି, ଚେନ୍ନାଇ
ହିନ୍ଦୀ ଭାଷା
ATA ପଞ୍ଜିକୃତ ପ୍ରାର୍ଥୀ, ସଦସ୍ୟତା ନିମନ୍ତେ
ଡିନ୍ (ଆବାସିକ)

ହିନ୍ଦୀ ଥିଓଲୋଜିଆନ୍, ଯୋଗ୍ୟତା – M.DIV/ M.Th ଡିଗ୍ରୀ ଓ ଅନୁଭୂତି, ରହିବା ଓ ଖାଇବାର ବ୍ୟବସ୍ଥା ସହିତ ଦରମା ପ୍ରଦାନ କରାଯିବ ।

ଯୋଗ୍ୟ ପ୍ରାର୍ଥୀମାନେ ନିମ୍ନ ଠିକଣାରେ ସେମାନଙ୍କ Bio-data ପ୍ରେରଣ କରିପାରିବେ ।

E.mail: sam@echoofhiscall.org
WhatsApp: (+91) 98412 71858

ST. PAUL'S MATRICULATION SCHOOL
Medavakkam, Chennai - 100.
ADMISSIONS OPEN!
PRE.K.G. TO X STD
Ph. 963 963 1295, 044 - 2278 0574

## ଦୟାକରି ଦୃଷ୍ଟି ଦିଅନ୍ତୁ

### ପାଳକ ଏସ୍.ସାମ୍. ସେଲ୍‌ଭାରାଜଙ୍କ ଆତ୍ମ ଜୀବନୀ

ଆମେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କର ଆତ୍ମ ଜୀବନକୁ ପୁସ୍ତକ ଭାବରେ ପ୍ରକାଶ କରିବାର ଶେଷ ପର୍ଯ୍ୟାୟରେ ଅଛୁ । ଈଶ୍ୱର ପାଳକଙ୍କର ସେବାକାର୍ଯ୍ୟ ମାଧ୍ୟମରେ ଆପଣମାନଙ୍କ ଆତ୍ମିକ ଅଭିବୃଦ୍ଧି ଉପରେ କି ପ୍ରଭାବ ପକାଇଛନ୍ତି, ସେହି ବିଷୟରେ ୧୦ ଧାଡ଼ି ମଧ୍ୟରେ ଆପଣମାନଙ୍କର ସାକ୍ଷ୍ୟ ଆମକୁ ଜଣାନ୍ତୁ ବୋଲି ଅନୁରୋଧ କରୁଅଛୁ । ଏହା ସହିତ, ଯଦି ଆପଣମାନେ ଆତ୍ମ ଜୀବନୀରେ କୌଣସି ଫୋଟୋ ଅନ୍ତର୍ଭୁକ୍ତ କରିପାରିବେ, ତେବେ ଆମେ ଖୁସି ହେବୁ ।

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |

SWIFT CODE : **SBI NIN BB 455**

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** MAY 2024.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**